ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/HTH (OD)/42/09-04-2021

# 'କଳାଭୂମି'ର
# ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ
# ମନ୍ତ୍ରୀ ଶ୍ରୀମତୀ ଦିଆନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ତା.୦୯/୦୪/୨୦୨୧

ଆଜି ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ 'କଳାଭୂମି'-ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ ପରିଦର୍ଶନରେ ଯାଇଥିଲେ ।

କଳାଭୂମି-ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟରେ ହସ୍ତଶିଳ୍ପ ଓ ହସ୍ତତନ୍ତ ପରମ୍ପରାକୁ ନେଇ ଆଠଗୋଟି ଗ୍ୟାଲେରୀ ରହିଛି । ବର୍ତ୍ତମାନ ଆଉ ଦୁଇଟି ଗ୍ୟାଲେରୀ ନିର୍ମାଣାଧୀନ ଅଛି । ସେହି ଦୁଇଟି ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରୀ ଓ ଓଡ଼ିଶାର ନୃତ୍ୟର କଷ୍ଟ୍ୟୁମ୍ । ଆଜି 'କଳାଭୂମି' ପରିଦର୍ଶନ ସମୟରେ ମନ୍ତ୍ରୀ ଶ୍ରୀମତୀ ଦିଆନ ଏହି ଦୁଇଟି ନୂତନ ଗ୍ୟାଲେରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । 'କଳାଭୂମି'କୁ ଯେପରି ଅଧିକ ପର୍ଯ୍ୟଟକ ଆସିବେ ତାହାକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମନ୍ତ୍ରୀ ଶ୍ରୀମତୀ ଦିଆନ ପରାମର୍ଶ ଦେଇଥିଲେ ।

ସଂପ୍ରତି କରୋନା ସଂକ୍ରମଣକୁ ଆଖିରେ ରଖି କରୋନା ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ଅନୁପାଳନ କରାଯାଇ ପରିଦର୍ଶକମାନଙ୍କ ନିମନ୍ତେ ସଂଗ୍ରହାଳୟ ବୁଲିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ